# କୃଷକଙ୍କୁ ହତ୍ୟା ବିରୋଧରେ ବିକ୍ଷୋଭ

ବ୍ରହ୍ମପୁର ଅଫିସ,୪।୧୦

ଉତ୍ତରପ୍ରଦେଶ ଲକ୍ଷ୍ମୀପୁର ଖେରି ଜିଲା ଟିକୁନିଆରେ ରବିବାର ୬ କୃଷକଙ୍କୁ ହତ୍ୟା ବିରୋଧରେ ସଂଯୁକ୍ତ କିଷାନ୍ ମୋର୍ଚ୍ଚା ସୋମବାର ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ସଂଘ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୩ ଦଫା ସମ୍ବଳିତ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ତିନି କଳା କୃଷି ଆଇନର ପ୍ରତ୍ୟାହାର ଦାବିରେ ଖେରିରେ ରବିବାର ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରୁଥିବା କୃଷକଙ୍କ ଉପରେ ଭାଜପା କେନ୍ଦ୍ରମନ୍ତ୍ରୀଙ୍କ ପୁଅଙ୍କ ନେତୃତ୍ୱରେ ଗାଡ଼ି ଚଢାଇ ୬ ଜଣ କୃଷକଙ୍କୁ ହତ୍ୟା କରାଯାଇଥିବା ସଂଘ ଅଭିଯୋଗ କରିଛି। ଉକ୍ତ ନରସଂହାର ପାଇଁ ଭାଜପା କେନ୍ଦ୍ରମନ୍ତ୍ରୀ, ତାଙ୍କ ପୁଅ ଓ ସହଯୋଗୀମାନଙ୍କ ବିରୋଧରେ ହତ୍ୟା ମକଦ୍ଦମା ଦାଏର କରିବା, କୃଷକମାନଙ୍କ ବିରୋଧରେ ହିଂସା କରିବାକୁ ଉସୁକାଉଥିବା କେନ୍ଦ୍ରମନ୍ତ୍ରୀ ଓ ହରିୟାଣା ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ପଦବୀରୁ ବରଖାସ୍ତ ଏବଂ ସୁପ୍ରିମକୋର୍ଟଙ୍କ ତଦାରଖରେ ସମଗ୍ର ଘଟଣାର ଏସ୍ଆଇଟି ତଦନ୍ତ କରିବା ପାଇଁ ଦାବି ହୋଇଛି।



ବିକ୍ଷୋଭରେ ଉପସ୍ଥିତ ସଂଘ କର୍ମକର୍ତ୍ତା

### ଏସ୍ଆଇଟି ତଦନ୍ତ ଦାବି କଲା ସଂଯୁକ୍ତ କିଷାନ୍ ମୋର୍ଚ୍ଚା

ବିକ୍ଷୋଭରେ ସଂଯୁକ୍ତ କିଷାନ୍ ମୋର୍ଚ୍ଚା ରାଜ୍ୟ ଆବାହକ ମଣ୍ଡଳୀ ସଭ୍ୟ ଭାଲଚନ୍ଦ୍ର ଷଡ଼ଙ୍ଗୀ, ବରିଷ୍ଠ କୃଷକ ନେତା କୈଳାସ ଷଡ଼ଙ୍ଗୀ, ପ୍ରକାଶ ପାତ୍ର, ଏଆଇକେଏମ୍ଏସ୍ ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ଜିଲା କମିଟି ସଭ୍ୟ ଲଡୁକିଶୋର ଡାକୁଆ, ସନ୍ତୋଷ କୁମାର ଗୌଡ଼, ଓଡ଼ିଶା କୃଷକ ସଭା ରାଜ୍ୟ ଉପସଭାପତି ହରିକୃଷ୍ଣ ରେଡ୍ଡୀ, ଜିଲା ସମ୍ପାଦକ ବସନ୍ତ ନନ୍ଦ, ଜିଲା ସଭାପତି ଗୋପାଳ ପାଣିଗ୍ରାହୀ, ବାବୁଲା ନାୟକ, ଏଆଇକେଏସ୍ ଜିଲା ସମ୍ପାଦକ ସୁଦର୍ଶନ ସ୍ୱାଇଁ, ରୋହିତ କୁମାର ସ୍ୱାଇଁ, ଏଆଇକେକେଏମ୍ଏସ୍ ନେତା ପପୁନ୍ କୁମାର ସାହୁ, ଶିବାନୀ ଶଙ୍କର ମିଶ୍ର, ଏଆଇକେକେଏସ୍ ଜିଲା ସମ୍ପାଦିକା ପି.ପାର୍ବତୀ, ସାମାଜିକ କର୍ମୀ ଅବନୀ କୁମାର ଗୟା ଓ ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗୋ-ହତ୍ୟାକୁ ନେଇ ମାହାସିଂରେ ଉତ୍ତେଜନା

**ଫୁଲବାଣୀ ଅଫିସ, ୪।୧୦:** କନ୍ଧମାଳ ଜିଲା ବାଲିଗୁଡା ଥାନା ଅନ୍ତର୍ଗତ ମାହାସିଂରେ ଗୋ ହତ୍ୟାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ରବିବାର ରାତିରେ କେହି ଦୁର୍ବୃତ୍ତ ମାହାସିଂ ପଞ୍ଚାୟତର ରାସ୍ତା ପାର୍ଶ୍ୱରେ ଏକ ଗୋରୁର ଗୋଟିଏ ଗୋଡ଼କୁ କାଟି ନେଇ ଯାଇଥିବାରୁ ତାହାର ମୃତ୍ୟୁ ଘଟିଛି। ସୋମବାର ସକାଳେ ଏହି ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ବାଲିଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଗୋରୁ ଜବତ କରି ତଦନ୍ତ ଆରମ୍ଭ କରିଛି। ହିନ୍ଦୁପୁତ୍ର ସଙ୍ଗଠନ ସଦସ୍ୟ ସୁରେଶ କୁମାର ପତି, ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ସମ୍ପାଦକ ଜିତେନ୍ଦ୍ର ପାତ୍ର ତୁରନ୍ତ ଗୋ ହତ୍ୟାକରୀଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି।

### ଗ୍ରାନାଇଟ୍ ବୋଝେଇ ଟ୍ରକ୍ରୁ ୨୦ କୁଇଣ୍ଟାଲ ଗଞ୍ଜେଇ ଜବତ



**ଆର.ଉଦୟଗିରି,୪।୧୦(ଡି.ଏନ.ଏ.):** ଅଡ଼ବା ଥାନା ପୋଲିସର ପାଟ୍ରୋଲିଂ ବେଳେ ମାନ୍ଦ୍ରାବାଜୁ ଛକ ନିକଟରେ ଏକ ଟ୍ରକ୍ରୁ ୨୦ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଗ୍ରାନାଇଟ ବୋଝେଇ ଟ୍ରକ୍ରେ ଗଞ୍ଜେଇ ଅଡବାରୁ ଉତ୍ତରପ୍ରଦେଶକୁ ଚାଲାଣ ହେଉଥିବା ବେଳେ ପୋଲିସ ଧରିଥିଲା ବୋଲି ଆର୍.ଉଦୟଗିରି ଏସ୍ଡିପିଓ ଦିଲୀପ କୁମାର ନାୟକ ସୂଚନା ଦେଇଛନ୍ତି। ଏନେଇ ଅଡ଼ବା ଥାନାରେ ନଂ. ୧୦୩/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ଗୋପାଳପୁର ପୋର୍ଟ ଟ୍ରକ ମାଲିକ ସଂଘ ବୈଠକ

**ଛତ୍ରପୁର (ଡି.ଏନ୍.ଏ.)/ବ୍ରହ୍ମପୁର ଅଫିସ୍, ୪।୧୦:** ଛତ୍ରପୁର ବ୍ଲକ କାଳିଆବାଲି ଛକସ୍ଥିତ ସଂଘ କାର୍ଯ୍ୟାଳୟ ରେ ଗୋପାଳପୁର ପୋର୍ଟ ଟ୍ରକ ମାଲିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ଓ ଗଞ୍ଜାମ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ଶିଳ୍ପଗୁଡିକରେ ପରିବହନ କ୍ଷେତ୍ରରେ ସ୍ଥାନୀୟ ଯୁବ ଉଦ୍ୟୋଗୀଙ୍କ ଟ୍ରକଗୁଡିକୁ କିପରି ନିୟୋଜିତ କରାଯାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା। ଏଥିସକାଶେ ସଂଘ ରାଜ୍ୟ ପରିବହନ ଓ ବାଣିଜ୍ୟ ମନ୍ତ୍ରୀ, ଗଞ୍ଜାମ ଜିଲାପାଳ, ଏସପି ଏବଂ ବିଭିନ୍ନ ଶିଳ୍ପସଂସ୍ଥାର କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଯାଇଛି। ଜିଲା ପ୍ରଶାସନ ଏବଂ ବିଭିନ୍ନ ଶିଳ୍ପ ସଂସ୍ଥାର କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବେ ବୋଲି ପୋର୍ଟ ଟ୍ରକ ମାଲିକ ସଂଘ ଆଶା ରଖିଛି। ଏହି ଅବସରରେ ସଂଘର ଉପଦେଷ୍ଟା ଭାବେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ସହଯୋଗୀ ଉପଦେଷ୍ଟା ବିଜେଡି ନେତା ଜଗନ୍ନାଥ ସାବତ, ସଭାପତି ସୁମନ୍ତ କୁମାର ପଣ୍ଡା, ଉପସଭାପତି ଧର୍ମରାଜୁ ରେଡ୍ଡୀ, ସାଧାରଣ ସମ୍ପାଦକ ଜି.ଭାସ୍କର ରେଡ୍ଡୀ, ସହ ସମ୍ପାଦକ ସୀମାଞ୍ଚଳ ରାଉତ ଓ କୋଷାଧକ୍ଷ ସୁଧାଂଶୁ ଶେଖର ରାଓଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା।

### ଆଜାଦି କା ଅମୃତ ମହୋତ୍ସବ ପାଳିତ

**ଦିଗପହଣ୍ଡି,୪।୧୦(ଡି.ଏନ.ଏ.):** ଦିଗପହଣ୍ଡି ଏନ୍ଏସି ପକ୍ଷରୁ ରବିବାର ଆଜାଦି କା ଅମୃତ ମହୋତ୍ସବ ପାଳନ କରାଯିବା ସଙ୍ଗେ ସଙ୍ଗେ ସ୍ୱଚ୍ଛ ସଫେଇ କର୍ମୀଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ବଡ଼ାଖାନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଶଶିଭୂଷଣ ଦତ୍ତ ଏବଂ ପି.ସ୍ୱାଗତିକା ପାତ୍ରଙ୍କ ମିଳିତ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନବନିଯୁକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ବେହେରା ଏବଂ ପଦୋନ୍ନତି ପାଇ ସୋରଡ଼ା ତହସିଲଦାର ହୋଇଥିବା ପୂର୍ବତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ ଅତିଥି ଭାବେ ଯୋଗଦେଇଥିଲେ। ଦେଶ ସ୍ୱାଧୀନତାର ୭୫ ବର୍ଷ ପାଳନ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନିର୍ଦ୍ଦେଶିତ ସ୍ୱଚ୍ଛତା ହିଁ ସେବା ସ୍ୱପ୍ନକୁ ସାକାର କରିବାକୁ ହେଲେ ନିଜ ଅଞ୍ଚଳର ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେବାକୁ ହେବ ବୋଲି ଅତିଥି ବୃନ୍ଦ ସଭାରେ ମତ ପ୍ରକାଶ କରିଥିଲେ। ଶେଷରେ ଆୟୋଜିତ ବଡ଼ାଖାନା କାର୍ଯ୍ୟକ୍ରମରେ ଅତିଥି ବୃନ୍ଦଙ୍କ ସମେତ ସମସ୍ତ ସ୍ୱଚ୍ଛ କର୍ମୀ ଓ ଏନ୍ଏସି କର୍ମଚାରୀ ସାମିଲ ହୋଇଥିଲେ। ଏନ୍ଏସି କର୍ମଚାରୀ ରାଜକିଶୋର ରଥ, ପବିତ୍ରା ପ୍ରଧାନ, ହରିକୃଷ୍ଣ ସାହୁ, ପ୍ରଭାକର ମେକାପ, ଦୁର୍ଗାମାଧବ ପ୍ରଧାନ, ସନ୍ତୋଷ ପାଢ଼ୀ, ସ୍ନେହଲତା ମିଶ୍ର, ସନ୍ତୋଷ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସୁନା ଦୋକାନରେ ଜିଏସ୍ଟିର ଚଢ଼ାଉ

ବ୍ରହ୍ମପୁର ଅଫିସ,୪।୧୦

ଜିଏସ୍ଟି ଫାଙ୍କି ସୁନା ଗହଣା ବେପାର କରୁଥିବା ଅଭିଯୋଗରେ ବାଣିଜ୍ୟକର ଏବଂ ସେବାକର (ସିଟି ଆଣ୍ଡ୍ ଜିଏସ୍ଟି) ବିଭାଗର ଟିମ୍ ସୋମବାର ବ୍ରହ୍ମପୁର ସାନବଜାର ସ୍ଥିତ ଏକ ସୁନା ଦୋକାନରେ ଚଢ଼ାଉ କରିଛି। ବିକ୍ରି ହେଉଥିବା ସୁନା ଓ ରୁପା ଗହଣାର ନିର୍ଦ୍ଧାରିତ ଜିଏସ୍ଟି ପୈଠ କରାଯାଇଛି କି ନାହିଁ ତାହା ଯାଞ୍ଚ କରାଯାଉଛି। ଯାଞ୍ଚ ସରିବା ପରେ ସ୍ପଷ୍ଟ କୁହାଯାଇପାରିବ ବୋଲି ଅଧିକାରୀ ଜଣଙ୍କ କହିଛନ୍ତି। ବ୍ରହ୍ମପୁର ସହରରେ ବିଭିନ୍ନ ଅଞ୍ଚଳର ବ୍ୟବସାୟୀମାନେ ଟିକସ ଫାଙ୍କି ସୁନା ଗହଣା ଆଣି ବିକ୍ରି କରିଥାନ୍ତି। ବିଗତ ଦିନରେ ଏଭଳି ବହୁ ଘଟଣା ଉପରୁ ପର୍ଦ୍ଦା ହଟିଛି। ସାନବଜାର ଛକରେ ଥିବା ଏକ ସୁନା ଦୋକାନ ବିରୋଧରେ ଟିକସ ଫାଙ୍କିବା ଅଭିଯୋଗ ହେବା ପରେ ସିଟି ଆଣ୍ଡ୍ ଜିଏସ୍ଟି ବିଭାଗର ଟିମ୍ ସୋମବାର ସେଠାରେ ଚଢ଼ାଉ କରିଥିଲା।

ପ୍ରକାଶ ଯେ, ଗତ ୨୭ ତାରିଖରେ ବଡ଼ବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ଜଉରାସାହିରେ ଥିବା ଏକ ଆପାର୍ଟମେଣ୍ଟରେ ସିଟି ଆଣ୍ଡ୍ ଜିଏସ୍ଟି ବିଭାଗ ଚଢ଼ାଉ କରିଥିଲା। ମୁମ୍ବାଇରୁ ଆସିଥିବା ଦୁଇଜଣ ବ୍ୟବସାୟୀଙ୍କୁ ଠାବ କରି ସେମାନଙ୍କ ନିକଟରୁ ୩କେଜି ସୁନା ଗହଣା ଜବତ କରାଯାଇଥିଲା। ସେହି ଗହଣାର ଜିଏସ୍ଟି ପୈଠ କରାଯାଇ ନ ଥିବାରୁ ୨୫,୨୬,୯୫୮ ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

# ଏଚ୍ଆଇଭି ସଂକ୍ରମିତଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ

ବ୍ରହ୍ମପୁର ଅଫିସ,୪।୧୦

ଗଞ୍ଜାମ ନେଟୱର୍କ ଫର୍ ପିପୁଲ୍ ଲିଭିଙ୍ଗ୍ ୱିଥ୍ ଏଚ୍ଆଇଭି ଆଣ୍ଡ ଏଡ୍ସ (ଜିଏନ୍ପି) ପକ୍ଷରୁ ସୋମବାର ଦାନ ଉତ୍ସବ ଗେଟ୍ ବଜାରଠାରେ ଅନୁଷ୍ଠିତ ହୋଇଯାଇଛି। ସାରା ଭାରତବର୍ଷରେ ଚଳିତ ମାସ ୨ ତାରିଖରୁ ୮ ତାରିଖ ଯାଏ ଦାନ ଉତ୍ସବ ପାଳନ ହେଉଛି। ସଂଘ ପକ୍ଷରୁ ଏହି ଉତ୍ସବ ପାଳନ କରାଯାଉଥିବା କୁହାଯାଇଛି। ଏଥିରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଚ୍ଆଇଭି ସଂକ୍ରମିତ ଶିଶୁ ଓ ମହିଳାମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଓ ସରକାରଙ୍କ ବିଭିନ୍ନ ଯୋଜନାରେ ଅଗ୍ରାଧିକାର ଦିଆଯିବ ବୋଲି ବିଧାୟକ କହିଥିଲେ। ଏମାନଙ୍କ ପ୍ରତି ସର୍ବଦା ସହଯୋଗ ରହିବ ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ। ଏଥିରେ ଗଞ୍ଜାମ ଜିଲାରେ ଏଚ୍ଆଇଭି ଏଡ୍ସ ସଂକ୍ରମିତ ଓ ପ୍ରଭାବିତ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପଦେଷ୍ଟା ସୁଧାଂଶୁ ଶେଖର ସେଠୀ, ନିର୍ଦ୍ଦେଶକ ନୀଳାମ୍ବର ପାତ୍ର, ସଂଯୋଜକ ପୀତବାସ ଦୋରାଙ୍କ ସମେତ ଦେବରାଜ ପାଲ୍, କାମେଶ ଗାନ୍ଧୀ ଓ ସୁନୀତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସହରରେ ବୁଲୁଛି ନିଶାସକ୍ତ ଧରା ଗାଡ଼ି

ବ୍ରହ୍ମପୁର ଅଫିସ,୪।୧୦

ବ୍ରହ୍ମପୁର ସହରରେ ପାର୍ବଣ ପୂର୍ବରୁ ପୋଲିସ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି। ମଦ ପିଇ ରାତିରେ ବୁଲିଲେ ପୋଲିସର ନିଶାସକ୍ତଙ୍କୁ ଧରା ଗାଡ଼ି ବୋହି ନେବ। ନିଶାସକ୍ତ ଗାଡ଼ି ଚାଳକଙ୍କୁ ଏବେ କ୍ଷମା ନାହିଁ। ସେମାନଙ୍କୁ ଗାଡ଼ିରେ ପୋଲିସ ଥାନାକୁ ବୋହି ନେଉଛି। ସେମାନଙ୍କଠାରୁ ଫାଇନ ଆଦାୟ କରି ଛାଡିବାକୁ ବ୍ରହ୍ମପୁର ଏସ୍ପି ପିନାକ ମିଶ୍ର ସମସ୍ତ ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଗକୁ ଦଶହରା। ନିଶାସକ୍ତଙ୍କୁ ସାବାଡ଼ କରିବାକୁ ପୋଲିସ ପ୍ରୟାସ ଆରମ୍ଭ କରିଛି। ଏସ୍ପିଙ୍କ ବ୍ରହ୍ମପୁର ପୋଲିସ ଜିଲାରେ ନିଶାସକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ପୂଜା ଉତ୍ସବ ସରିବା ପର୍ଯ୍ୟନ୍ତ ସହରରେ ରାତିରେ ନିୟମିତ ଗାଡ଼ି ଯାଞ୍ଚ କରିବାକୁ ନିର୍ଦ୍ଦେଶ ହୋଇଛି। ଏହି ସମୟରେ ସହରରେ ଶୃଙ୍ଖଳା ରକ୍ଷା କରିବା ଉଦ୍ଦେଶ୍ୟରେ ରାତିରେ ଗାଡ଼ି ଯାଞ୍ଚ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ହୋଇଛି। ନିଶାସକ୍ତ ଚାଳକଙ୍କ ଉପରେ ବିଶେଷ ନଜର ରହିଛି। ଗତ ଶନିବାରରୁ ଏଯାବତ ବ୍ରହ୍ମପୁର ସହରରେ ବିଭିନ୍ନ ଅଞ୍ଚଳରେ ପୋଲିସ ୫୨ ଗାଡ଼ିଚାଳକଙ୍କୁ ଉଠାଇ ନେଇଥିବା ସୂଚନା ଦେଇଛି। ସେମାନଙ୍କଠାରୁ ଫାଇନ୍ ଆଦାୟ କରି ଛାଡିଛି। ଚାଳକମାନେ ଏଭଳି ଭୁଲ୍ କରିବେ ନାହିଁ ବୋଲି ପୋଲିସ ନିକଟରେ ଲିଖିତ ଭାବେ ଦାଖଲ କରିଛନ୍ତି। ନିଶାସକ୍ତ ଚାଳକଙ୍କ କାରଣରୁ ଅନ୍ୟମାନଙ୍କ ଜୀବନ ଯାଉଛି। ଅନ୍ୟମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଣୁ ନିଶାସକ୍ତଙ୍କୁ ସାବାଡ଼ ପାଇଁ ପୋଲିସ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି ବୋଲି ବ୍ରହ୍ମପୁର ଏସ୍ଡିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି।

### ଦୁଇଦିନରେ ଧରାପଡ଼ିଲେଣି ୫୨



ନିଶାସକ୍ତଧରା ଗାଡି

# ୨ ଡେଙ୍ଗୁ ରୋଗୀ ଚିହ୍ନଟ

ବ୍ରହ୍ମପୁର ଅଫିସ,୪।୧୦

ଗଞ୍ଜାମ ଜିଲାରେ ଡେଙ୍ଗୁ ଏବେ ଦିନକୁ ଦିନ ବଢ଼ିବାରେ ଲାଗିଛି। ପୁଣିଥରେ ୨ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବର୍ତ୍ତମାନ ୧୧୮ ଛୁଇଁଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ଓ) ଡା. ଉମାଶଙ୍କର ମିଶ୍ର ସୂଚନା ଦେଇଛନ୍ତି। ସୋମବାର ଛତ୍ରପୁର ବ୍ଲକ ସାନ ଆର୍ଯ୍ୟପାଲି ଗ୍ରାମର ୧୫ବର୍ଷର ନାବାଳକ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ସେହିପରି ରଙ୍ଗେଇଲୁଣ୍ଡା ବ୍ଲକ ଭାଲିଆଗଡ଼ ଗ୍ରାମର ଜଣେ ୩୦ବର୍ଷର ଯୁବକ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଏମ୍କେସିଜି ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। ଜିଲାରେ ଦିନକୁ ଦିନ ଡେଙ୍ଗୁରୋଗୀ ସଂଖ୍ୟା ବଢୁଥିବାରୁ ଲୋକଙ୍କୁ ଏବେ ଏନେଇ ଭୟ ଘାରିଛି। ଜନସାଧାରଣଙ୍କୁ ଡେଙ୍ଗୁ ସମ୍ପର୍କରେ ସଚେତନ କରାଯାଉଛି। ସେହିପରି ବ୍ରହ୍ମପୁର ମହାନଗର ନିଗମ ସମେତ ଜିଲାରେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ୧୭ ଗୋଟି ବ୍ଲକରେ ମଶାମରା ତେଲ ସିଞ୍ଚନ କରାଯାଉଥିବା ବେଳେ ମଶାମରା ଧୂଆଁ ସ୍ପ୍ରେ କରିବା ପାଇଁ ବ୍ୟବସ୍ଥା କରାଯାଇଥିବା ସିଡିଏମ୍ଓ ଡା.ମିଶ୍ର କହିଛନ୍ତି।

# ଲେଖକ ସାମ୍ମୁଖ୍ୟର ଶାରଦୀୟ ଅଧିବେଶନ



ଅଧିବେଶନରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର ଅଫିସ୍,୪।୧୦

ଗଞ୍ଜାମ ଜିଲା ଲେଖକ ସାମ୍ମୁଖ୍ୟର ମିଳିତ ଶାରଦୀୟ ଅଧିବେଶନ ସୋମବାର ଶାସ୍ତ୍ରୀନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ହାଡିବନ୍ଧୁ ମାଲି ସଭାପତିତ୍ୱ କରିଥିଲେ। ଲେଖିକା ସାମ୍ମୁଖ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ର, ସାଧାରଣ ସମ୍ପାଦିକା ଡ.ସୂଚନା ପାଢୀ ଓ ଲେଖକ ସାମ୍ମୁଖ୍ୟ ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ମଞ୍ଚାସୀନ ଥିଲେ। ଏହି ଅଧିବେଶନରେ ପଡୋଶୀ ରାଜ୍ୟରେ ଦେଖାଦେଇଥିବା ଓଡିଆ ଭାଷା ପ୍ରତି ବିଦ୍ୱେଷ ମନୋଭାବକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପ୍ରତ୍ୟେକ ଓଡ଼ିଆଙ୍କୁ ଏକାଠି ହେବାକୁ ପଡିବ ବୋଲି କୁହାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ଶାରଦୀୟ କବିତା ପାଠୋତ୍ସବକୁ କବୟିତ୍ରୀ ଜ୍ୟୋତ୍ସ୍ନାମୟୀ ପ୍ରଧାନ ସଂଯୋଜନା କରିଥିଲେ। ଉପଦେଷ୍ଟା ଡ. ବନମାଳୀ ପାଣିଗ୍ରାହୀ, ଉପସଭାପତି ଡ.ସରୋଜ କାନ୍ତ ରଥ, ଡ.ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ଗୋପାଳ କୃଷ୍ଣ ପାଢୀ ପ୍ରମୁଖ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଡ.ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଘଣ୍ଟ ଢୋଲ ବଜାଇ ବିଜୁଳି କର୍ମଚାରୀ ସଂଘର ଆନ୍ଦୋଳନ


କର୍ମଚାରୀମାନେ ଢୋଲ ଘଣ୍ଟ ବଜାଇ ଆନ୍ଦୋଳନ କରୁଛନ୍ତି।

ବ୍ରହ୍ମପୁର ଅଫିସ,୪।୧୦

ବିଜୁଳି କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଟିପିଏସ୍ଓଡିଏଲ୍ ବ୍ରହ୍ମପୁର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣା ସୋମବାର ୭୫ ଦିନରେ ପହଞ୍ଚିଛି। ସୋମବାର ସଂଘ କର୍ମକର୍ତ୍ତାମାନେ ଅଭିନବ ଉପାୟରେ ଆନ୍ଦୋଳନ କରିଛନ୍ତି। ଦାବି ପୂରଣ ନେଇ ଢୋଲ ଘଣ୍ଟ ବଜାଇ ପ୍ରତିବାଦ କରିଛନ୍ତି।

ଗତ ଶୁକ୍ରବାର ସଂଘ ପକ୍ଷରୁ ଜୋତା ପଲିସ କରାଯାଇ ଆନ୍ଦୋଳନ କରାଯାଇଥିଲା। ଯାହାକି ଚର୍ଚ୍ଚାକୁ ଆସିଥିଲା। ସଂଘ ପକ୍ଷରୁ କୁହାଯାଇଛି, ୨୦୧୮ ଫେବୃୟାରୀ ୧୧ ଚୁକ୍ତି ଅନୁସାରେ ୨୦୦ ଆଉଟ୍ସୋର୍ସିଂ କର୍ମଚାରୀଙ୍କୁ ନିୟମିତ ଓ ସମସ୍ତ କର୍ମଚାରୀଙ୍କୁ ଇନ୍ସୋର୍ସ କରିବା ପାଇଁ ଚୁକ୍ତି ହୋଇଥିଲା। କିନ୍ତୁ ଟାଟା ପକ୍ଷରୁ ଏ ଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଏହି ଆନ୍ଦୋଳନ ଜାରି ରହିଛି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ।

# ପଦଚ୍ୟୁତ ହେଲେ ଜି.ଉଦୟଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା

ଜି.ଉଦୟଗିରି,୪।୧୦(ଡି.ଏନ.ଏ.)

ଜି.ଉଦୟଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୀପ୍ତିରେଖା ପ୍ରଧାନଙ୍କୁ ବାଲିଗୁଡ଼ା ଉପଜିଲାପାଳ ଶୁଭଙ୍କର ମହାପାତ୍ର ଗତ ଶୁକ୍ରବାର ପତ୍ର ସଂଖ୍ୟା ୩୧୬୧ ଅନୁଯାୟୀ ପଦଚ୍ୟୁତ କରିଛନ୍ତି। ଉପାଧ୍ୟକ୍ଷ ହୃଦାନନ୍ଦ କହଁରଙ୍କୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବା ପାଇଁ ଆଦେଶ ଦେଇଛନ୍ତି। ଗତ ଜୁଲାଇ ୫ରେ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହୋଇଥିଲା। ବର୍ତ୍ତମାନ ବାଲିଗୁଡ଼ା ଉପଜିଲାପାଳ ଅନାସ୍ଥା ପ୍ରସ୍ତାବ ଠିକ ଭାବେ କରାଯାଇଛି ଦର୍ଶାଇ ଏହି ଆଦେଶ ଦେଇଛନ୍ତି। ଏ ସମ୍ପର୍କରେ ଜି.ଉଦୟଗିରି ବିଡିଓ ବିଜୟ କୁମାର ପ୍ରଧାନଙ୍କୁ ପଚାରିବାରେ ବାଲିଗୁଡ଼ା ଉପଜିଲାପାଳଙ୍କ ଆଦେଶ ଆସି ପହଞ୍ଚିଛି ବୋଲି କହିଛନ୍ତି।

# ବନ୍ୟପ୍ରାଣୀ ସପ୍ତାହ ଅବସରରେ ସଚେତନତା

ଗୋପାଳପୁର,୪।୧୦(ଡି.ଏନ୍.ଏ.)

ବ୍ରହ୍ମପୁର ବନଖଣ୍ଡ ତରଫରୁ ବନ୍ୟପ୍ରାଣୀ ଆଇନ ୧୯୭୨ରେ ତଫସିଲଭୁକ୍ତ କୋରାଲ, ଶାମୁକା ସାମୁଦ୍ରିକ ପଦାର୍ଥ କିଣାବିକା ନ କରିବା ପାଇଁ ଦୋକାନୀ ଓ ଗ୍ରାହକଙ୍କୁ ସଚେତନ କରାଯାଇଥିଲା। ଏଥିସହିତ ପଲିଥିନ ଓ ପ୍ଲାଷ୍ଟିକ ଦ୍ୱାରା ବେଳାଭୂମିରେ ହେଉଥିବା ପରିବେଶ ପ୍ରଦୂଷଣ ବିଷୟରେ ଏକ ରାଲି ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା। ଏହାକୁ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକ ଉଦ୍ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ବ୍ରହ୍ମପୁର ବନଖଣ୍ଡ ସହକାରୀ ବନ ସଂରକ୍ଷକ ଅଶୋକ କୁମାର ବେହେରା, ଜେଡ୍ଏସ୍ଆଇ ମୁଖ୍ୟ ଡ.ଅନିଲ ମହାପାତ୍ର, ଗଞ୍ଜାମ ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ, ରବୀନ୍ଦ୍ର ସାହୁ, ବନ୍ୟପ୍ରାଣୀ ଗବେଷକ ଚନ୍ଦନ ଜାନି, ମାଗତା ବେହେରା ଯୋଗଦେଇଥିଲେ। ବ୍ରହ୍ମପୁର ବନଖଣ୍ଡର ସମସ୍ତ ବନାଞ୍ଚଳ ଅଧିକାରୀ, ବନପାଳ ଓ ବନରକ୍ଷୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଜୁଆ ଆଡ୍ଡାରୁ ୧୭ ଗିରଫ, ୧ ଲକ୍ଷ ୪୮ ହଜାର ଜବତ

ବ୍ରହ୍ମପୁର ଅଫିସ,୪।୧୦

ଗୋଷାଣୀ ନୂଆଗାଁ ଥାନା ପୋଲିସ ସୋମବାର ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୧୭ ଜଣଙ୍କୁ ଗିରଫ କରିଛି। ସେଠାରୁ ନଗଦ ୧ ଲକ୍ଷ ୪୮ ହଜାର ୫୮୫ ଟଙ୍କା ଜବତ କରାଯାଇଛି ବୋଲି ପୋଲିସ କହିଛି। ଜାତୀୟ ରାଜପଥ ୧୬ କଡରେ ଥିବା ଚନ୍ଦ୍ରଚୂଡେଶ୍ୱର ମନ୍ଦିର ତଥା ସମ୍ରାଟ ଢାବା ନିକଟରେ ଏକ ବଡ଼ ଧରଣର ଜୁଆ ଆଡ୍ଡା ଚାଲୁଥିବା ନେଇ ଗୋଷାଣୀନୂଆଗାଁ ପୋଲିସ ପାଟ୍ରୋଲିଂ ଟିମ୍କୁ ଖବର ମିଳିଥିଲା। ଏହାକୁ ଆଧାର କରି ପୋଲିସର ଏକ ଟିମ୍ ସେଠାରେ ଅତର୍କିତ ଚଢାଉ କରିଥିଲା। ଏପରିକି ଜୁଆ ଆଡ୍ଡାର ଚାରିପଟୁ ପୋଲିସ ଟିମ୍ ଘେରି ଯାଇଥିଲା। ଫଳରେ ପୋଲିସ ଘଟଣାସ୍ଥଳରୁ ଜୁଆ ଖେଳୁଥିବା ୧୭ ଜୁଆଡ଼ିଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ଉପରୋକ୍ତ ଟଙ୍କା ସହ ୪ ପ୍ୟାକେଟ୍ ତାସ ଜବତ କରାଯାଇଥିଲା।



# ରେଶମ ସହରରେ ରାଜସ୍ଥାନୀ ମେହେନ୍ଦି ଡିଜାଇନରଙ୍କ ଚାହିଦା

ବ୍ରହ୍ମପୁର ଅଫିସ,୪।୧୦

ଆରମ୍ଭ ହେଲାଣି ପାର୍ବଣ ଋତୁ। ତେବେ ମା'ଙ୍କ ପର୍ବ ଅବସରରେ ବେଶଭୁଷା ସହ ଆକର୍ଷଣୀୟ ଦେଖାଯିବା ନିମନ୍ତେ ନାରୀ ମାନେ ସର୍ବଦା ଆଗଭର। ବଜାରରେ ନୂଆ ନୂଆ ଡିଜାଇନର ପୋଷାକ, ରୂପସଜ୍ଜା ଭଳି ହାତରେ ବିଭିନ୍ନ ଡିଜାଇନର ମେହେନ୍ଦି ପ୍ରତି ମଧ୍ୟ ମହିଳା ଓ ଯୁବତୀଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳୁଛି। ମେହେନ୍ଦି ପ୍ରତି ଥିବା ଚାହିଦାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ରେଶମ ସହରରେ ମେହେନ୍ଦି ଡ଼ିଜାଇନ୍କୁ ପେସା ଭାବେ ଗ୍ରହଣ କରିଥିବା ବ୍ୟବସାୟୀମାନେ ବହୁ ଲାଭବାନ ହୋଇପାରୁଛନ୍ତି। ପୂର୍ବରୁ ସହରରେ କେବଳ ବ୍ୟୁଟି ପାର୍ଲରେ ମହେନ୍ଦି ଡିଜାଇନରଙ୍କୁ ଦେଖିବାକୁ ମିଳୁଥିଲା। ଏବେ କିନ୍ତୁ ବାହାର ରାଜ୍ୟରୁ ଆସିଥିବା ଡିଜାଇନରଙ୍କ ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ମୁଖ୍ୟତଃ ରାଜସ୍ଥାନୀ ମେହେନ୍ଦି ଡିଜାଇନରଙ୍କ ଚାହିଦା ବର୍ତ୍ତମାନ ଅଧିକ ରହିଛି। ମାର୍କେଟ କମ୍ପ୍ଲେକ୍ସ ବାହାରେ ଏହି ମେହେନ୍ଦି ଡିଜାଇନରଙ୍କୁ ଦେଖିବାକୁ ମିଳୁଛି। ପାର୍ବଣ ଋତୁସହ ଦକ୍ଷିଣ ଓଡ଼ିଶାର ସର୍ବବୃହତ ବାଣିଜ୍ୟ ପେଣ୍ଠ ସ୍ଥଳ ହେତୁ ବର୍ତ୍ତମାନ ବ୍ରହ୍ମପୁର ବଜାରରେ ପ୍ରବଳ ଭିଡ଼ ରହୁଛି। ଯାହାଦ୍ୱାରା ଏହି ବାହାର ରାଜ୍ୟର ଡିଜାନରଙ୍କୁ ବହୁ ସଂଖ୍ୟକ ଗ୍ରାହକ ମିଳି ପାରୁଛନ୍ତି। ବଜାରରେ ମେହେନ୍ଦି ଡିଜାଇନ ୫୦ ଟଙ୍କାରୁ ଆରମ୍ଭ ହୋଇ ୫୦୦୦ଟଙ୍କା ପର୍ଯ୍ୟନ୍ତ ଓ ତା'ଠାରୁ ଉର୍ଦ୍ଧ୍ୱ ମଧ୍ୟ ରହିଛି। ଡିଜାଇନ ମଧ୍ୟ ଆରବିକ, ରାଜସ୍ଥାନୀ, ଗୁଜରାଟୀ, ମାର୍କୋନ, ୱେଷ୍ଟର୍ନ, ଆଫ୍ରିକାନ, ଭାରତୀୟ ଡିଜାଇନ ଭଳି ବିଭିନ୍ନ ପ୍ରକାର ରହିଛି। କିନ୍ତୁ ଆରବିକ ଓ ଇଣ୍ଡୋ ଆରବିକ ସବୁଠାରୁ ଅଧିକ ଲୋକପ୍ରିୟ ଡିଜାଇନ ସ୍ୱୀକୃତି ପାଇଛି। ଜଣେ ଡିଜାଇନର ଲକ୍ଷ୍ମଣ ରାଜପୁତଙ୍କ ମତରେ ମେହେନ୍ଦି ଡିଜାଇନ ଏକ ଋତୁକାଳୀନ ବ୍ୟବସାୟ। ମୁଖ୍ୟତଃ ଅକ୍ଟୋବରଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ ମେହେନ୍ଦି ବ୍ୟବସାୟ ଭଲ ହୋଇଥାଏ। ବହୁ ପର୍ବପର୍ବାଣି ସହ ବିବାହ ଋତୁ ଥିବାରୁ ଯୁବତୀ ଓ ମହିଳାଙ୍କ ମଧ୍ୟରେ ଏହାର ଚାହିଦା ଅଧିକା ରହିଥାଏ। କିଛି ବର୍ଷ ହେବ ନବରାତ୍ରିରେ ସହରରେ ବହୁ ଅନୁଷ୍ଠାନ ଓ ସମ୍ପ୍ରଦାୟ ପକ୍ଷରୁ ଡାଣ୍ଡିଆ ନାଚ ବେଶ ଲୋକପ୍ରିୟ ହେବାରେ ଲାଗିଛି। ଏଣୁ ମେହେନ୍ଦି ଡିଜାଇନିଂର ମଧ୍ୟ ଚାହିଦା ବୃଦ୍ଧି ପାଇଥିବା ଗ୍ରାହକ ବି.ସୌମ୍ୟା କହିଛନ୍ତି।

### ଟ୍ରେଣ୍ଡରେ ଇଣ୍ଡୋ-ଆରବିକ ଡିଜାଇନ


ଜଣେ ଗ୍ରାହକ ଇଣ୍ଡୋ ଆରବିକ ଡ଼ିଜାଇନ କରୁଛନ୍ତି।

